**ସଂକ୍ଷେପରେ**

## ହାତୀ ଆକ୍ରମଣରେ ୨ ଗୁରୁତର



**ଛେଣ୍ଡିପଦା,୨୬।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଡଙ୍ଗାପାଳ ଯଉଡ଼ଇଳାରେ ମଙ୍ଗଳବାର ହାତୀ ଆକ୍ରମଣରେ ୨ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଡଙ୍ଗାପାଳ ଗ୍ରାମର ଚଞ୍ଚଳା ସାହୁ ଓ ମେଘି ସାହୁ। ପ୍ରକାଶ ଯେ, ଚଞ୍ଚଳା ଓ ମେଘିଙ୍କ ସମେତ ଗ୍ରାମର କେତେଜଣ ମହିଳା ନିକଟସ୍ଥ ଯଉଡ଼ଇଳାକୁ ପତ୍ର ତୋଳିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଏକ ଦନ୍ତା ହାତୀ ସହିତ ମୁହାଁମୁହିଁ ହୋଇଯାଇଥିଲେ। ଉକ୍ତ ହାତୀ ଚଞ୍ଚଳା ଓ ମେଘିଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ଫଳରେ ଚଞ୍ଚଳାଙ୍କ ଗୋଡ ଭାଙ୍ଗିଯିବା ସହିତ ମୁହଁରେ ମାଡ ହୋଇଛି। ମେଘି ମଧ୍ୟ ଗୁରୁତର ହୋଇଛନ୍ତି। ଏହା ଦେଖି ଭୟରେ ଅନ୍ୟ ମହିଳାମାନେ ଗାଁକୁ ପଳାଇ ଆସି ଖବର ଦେବା ପରେ ଚଞ୍ଚଳାଙ୍କ ପରିବାର ଓ ଗ୍ରାମବାସୀ ପହଞ୍ଚି ଗୁରୁତର ୨ଜଣଙ୍କୁ ଜଙ୍ଗଲରୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଛେଣ୍ଡିପଦା ବନାଞ୍ଚଳ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ପହଞ୍ଚି ଦନ୍ତା ହାତୀକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ୨୮ରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

**କଣିହାଁ,୨୬।୪(ଡି.ଏନ.ଏ.):** କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ମହକୁମାସ୍ଥିତ ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ୨୮ ତାରିଖରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଥମେ ଶ୍ରୀଜଗନ୍ନାଥ ହାଇସ୍କୁଲକୁ ଚୟନ କରାଯାଇଥିଲା। ହେଲେ ସେଠାରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଥିବାରୁ ତାହାକୁ ବାତିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ, ସମ୍ମାନିତ ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ, ଡିପିଏମ୍ ଦୀପକ କୁମାର ମହାନ୍ତି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିବେ। ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଭାଗୀୟ ଡାକ୍ତରମାନେ ସ୍ୱାସ୍ଥ୍ୟପରୀକ୍ଷା ସହିତ ଔଷଧ ସେବନ ପାଇଁ ପରାମର୍ଶ ଦେବେ। ସ୍ୱାସ୍ଥ୍ୟମେଳା ଷ୍ଟଲରୁ ଉପଲବ୍ଧ ଔଷଧ ମାଗଣାରେ ମିଳିବ। ଏଥିରେ ବ୍ଲକ ଅଞ୍ଚଳ ସହିତ ସ୍ଥାନୀୟ ପଡ଼ିଶା ଅଞ୍ଚଳର ଜନସାଧାରଣ ଭାଗ ନେବେ।

# ପ୍ରସ୍ତୁତି ଶେଷ, ପରୀକ୍ଷାକୁ ଅପେକ୍ଷା

- ୨୯ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା
- ଅନୁଗୋଳରେ ୧୮ ହଜାର ପରୀକ୍ଷାର୍ଥୀ
- ଗଣିତ ପାଇଁ ଅଧିକ ୧୫ ମିନିଟ୍ ସମୟ

**ଅନୁଗୋଳ ଅଫିସ/ ବଇଣ୍ଡା,୨୬।୪**



ପରୀକ୍ଷା କେନ୍ଦ୍ର ହୋଇଥିବା କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ।

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ୨୯ ତାରିଖରୁ ମେ ୭ ତାରିଖ ଯାଏ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଅନୁଗୋଳ ଜିଲାରେ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ଜିଲାରେ ୧୮ ହଜାର ୪୩୩ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ମହାମାରୀ କରୋନା ସଂକ୍ରମଣ ଥମିଥିବାରୁ ଚଳିତବର୍ଷ ଏହି ବୋର୍ଡ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବାକୁ ଯାଉଥିବାରୁ ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ଅନୁଗୋଳ ଜିଲାର ୨୬୨ ସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ୯୦ଟି ସେଣ୍ଟର କରାଯାଇଛି। ଏଠାରେ ମୋଟ୍ ୧୮ ହଜାର ୪୩୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରେ ୧୭ ହଜାର ୪୧୬ ଜଣ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ୧୦୧୭ ଜଣ ଓଡ଼ିଶା ମୁକ୍ତ ବିଦ୍ୟାଳୟ ଓ ୨୮ ଜଣ ମଧ୍ୟମା ଛାତ୍ରୀଛାତ୍ର ଅଛନ୍ତି। ରେଗୁଲାର ଓ ଏକ୍ସରେଗୁଲାର ପିଲାଙ୍କ ପାଇଁ ଗୋଟିଏ ସିଟିଂ ବ୍ୟବସ୍ଥା କରାଯାଇଛି। ସେମାନେ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ତେବେ ଗଣିତ ପରୀକ୍ଷା ପାଇଁ ସେମାନଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ। ସେହିପରି ଓଡ଼ିଶା ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ସିଟିଂର ବ୍ୟବସ୍ଥା ହୋଇଛି। ଓଡ଼ିଶା ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସକାଳ ୮ଟାରୁ ୧୦ଟା ଓ ୧୧ଟା ୩୦ରୁ ଅପରାହ୍ଣ ୧ଟା ୩୦ ଯାଏ ପରୀକ୍ଷା ଦେବେ। ମଧ୍ୟମା ଛାତ୍ରୀଛାତ୍ରମାନେ ମଧ୍ୟ ସକାଳ ୮ଟାରୁ ୧୦ଟା ଓ ୧୧ଟା ୩୦ରୁ ଅପରାହ୍ଣ ୧ଟା ଯାଏ ପରୀକ୍ଷା ଦେବେ। ଜିଲାର ୮ ବ୍ଲକ ସଦର ମହକୁମାରେ ଥିବା ଗୋଟିଏ ଲେଖାଏ ସ୍କୁଲକୁ ନୋଡାଲ ସେଣ୍ଟର କରାଯିବା ସହିତ ସେଠାରେ ପ୍ରଶ୍ନପତ୍ର ରଖାଯିବା ବ୍ୟବସ୍ଥା ହୋଇଛି। ପରୀକ୍ଷା ଦିନ ସକାଳୁ ଏଠାରୁ ବିଭିନ୍ନ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯିବ। ସେହିପରି ପରୀକ୍ଷା ପରିଚାଳନା ପାଇଁ ୧୦୭୨ ଜଣ ପରିଦର୍ଶକ ଓ ୯୦ ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଯୁକ୍ତ କରାଯାଇଛି। ୯୦ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩୩ଟି ସେଣ୍ଟର ଅତି ସମ୍ବେଦନଶୀଳ ବୋଲି ଚିହ୍ନଟ କରାଯାଇଥିବା ବେଳେ ୨୨ଟିରେ ସିସିଟିଭି ଲଗାଯାଇଥିବା ସୂଚନା ମିଳିଛି।

### ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି



"ଅନୁଗୋଳ ଜିଲାରେ ଦଶମ ଶ୍ରେଣୀ ପରୀକ୍ଷା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି ଲଗାଯିବା ସହ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି।

**-ନିରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ, ଅନୁଗୋଳ**

### ଶିକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଛି



"ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ପାନୀୟ ଜଳ ସହ ଶୌଚାଳୟ ବ୍ୟବସ୍ଥା ହୋଇଛି। କିଭଳି ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ହେବ ସେ ନେଇ ଶିକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଛି।

**-ପ୍ରମୋଦ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ, ହଣ୍ଡପା ହାଇସ୍କୁଲ**

### ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଛି



"ଚଳିତବର୍ଷ ଅଫ୍ ଲାଇନରେ ପରୀକ୍ଷା କରାଯିବା ଛାତ୍ରୀଛାତ୍ରମାନଙ୍କୁ ଆଶ୍ୱସ୍ତି ଦେଇଛି। କରୋନା କାରଣରୁ ଦୀର୍ଘ ଦିନ ସ୍କୁଲ ବନ୍ଦ ରହିବା ଓ ଅନେକ ବିଦ୍ୟାଳୟରେ ବିଷୟ ଅନୁଯାୟୀ ଶିକ୍ଷକ ନ ଥିଲେ ମଧ୍ୟ ପରୀକ୍ଷାକୁ ନେଇ ପିଲାମାନେ ଖୁସି ଅଛନ୍ତି।

**-ଚିନ୍ତାମଣି ଦେହୁରୀ, ଅଭିଭାବକ, ବଇଣ୍ଡା**

## ୩୬ ୟୁନିଟ୍ ରକ୍ତ ସଂଗ୍ରହ



**ଅନୁଗୋଳ ଅଫିସ,୨୬।୪**

ସ୍ୱେଚ୍ଛାସେବୀ ସ୍ୱର୍ଗତ ରମଣୀ ରଞ୍ଜନ ଗଡ଼ନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଅନୁଗୋଳ ନିର୍ବାଚନମଣ୍ଡଳୀ ଆନୁକୂଲ୍ୟରେ ବାଦିବାହାଳ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଜେଡି ନେତା ପ୍ରିୟଦର୍ଶୀ ପଟ୍ଟନାୟକ, ୪ନଂ. ଜିଲା ପରିଷଦ ସଦସ୍ୟ ଧ୍ରୁବ ଚରଣ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ବିଜେଡି ଯୁବ ନେତା ଅରୁଣାଭ ସିଂହ ଓ ବାଦିବାହାଳ ଗ୍ରାମର ଯୁବକ ସଂଘ ସଦସ୍ୟଙ୍କ ତତ୍ତ୍ୱାବଧାନ ଏବଂ ପ୍ରଚେଷ୍ଟାରେ ଶିବିର ଆୟୋଜନ କରାଯାଇଥିଲା। ଗ୍ରାମର ଜୟକୃଷ୍ଣ ଗଡ଼ନାୟକ, ମହେନ୍ଦ୍ର ଗଡ଼ନାୟକ, ମାନସ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଉକ୍ତ ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# କୁଇଓ ଜଙ୍ଗଲରେ ନିଆଁ



ନିଆଁ ଲାଗି କୁଇଓ ଜଙ୍ଗଲ ଜଳୁଛି।

**ଛେଣ୍ଡିପଦା,୨୬।୪(ସ୍ୱ.ପ୍ର.)**

ଅନୁଗୋଳ ବନାଞ୍ଚଳ ଜାମୁନାଳି ପଞ୍ଚାୟତର କୁଇଓ ଜଙ୍ଗଲରେ ନିଆଁ ଲାଗି ବହୁ ବନ୍ୟ ସମ୍ପଦ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ଅନୁଗୋଳ-ଗୋପାଳପ୍ରସାଦ ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ଥିବା କୁଇଓ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ପାଇଁ ଗ୍ରାମବାସୀ ବହୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବନ ବିଭାଗର ସହଯୋଗ ମିଳି ନ ଥିବାରୁ ପ୍ରାୟ ୫ ହେକ୍ଟରରୁ ଅଧିକ ଜଙ୍ଗଲ ପୋଡିଯାଇଥିବା ଅଭିଯୋଗ ହେଉଛି। ରାସ୍ତା ପାର୍ଶ୍ୱରେ ଜଙ୍ଗଲ ଥିଲେ ମଧ୍ୟ ନିଆଁରୁ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଆଦୌ ଫାୟାର ଲାଇନ କରାଯାଇନାହିଁ। ନିଆଁ ଲାଗିବାର ପ୍ରାୟ ଦୁଇଘଣ୍ଟା ପରେ ବନ କର୍ମଚାରୀ ଓ ନିଆଁ ଲିଭା ସ୍କ୍ୱାଡ୍ ପହଞ୍ଚି ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ବନ ବିଭାଗର ଏପରି ଅବହେଳା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ନିଯୁକ୍ତି ଦାବିରେ ଆମରଣ ଅନଶନ

**ଅନୁଗୋଳ ଅଫିସ,୨୬।୪**




ଛଟେଇ କର୍ମଚାରୀମାନେ ଆମରଣ ଅନଶନରେ ବସିଛନ୍ତି।

ଏନ୍‌ଟିପିସି/ଟିଟିପିଏସ୍‌ରୁ ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ଆର୍‌ପିଡିଏସି ବୈଠକର ନିଷ୍ପତ୍ତି ଅନୁଯାୟୀ ତାଳଚେର ଥର୍ମାଲ୍ ପାୱାର ପ୍ଲାଣ୍ଟର ପାଉଁଶ ପୋଖରୀ ନିମନ୍ତେ ଜମି ଅଧିଗ୍ରହଣ ହୋଇଥିବା କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ମଧ୍ୟରୁ ୧୦୦ ଜଣ ଯୁବତୀ ଯୁବକଙ୍କୁ ଏନ୍‌ଟିପିସି/ଟିଟିପିଏସ୍ ପକ୍ଷରୁ ନିଜସ୍ୱ ଖର୍ଚ୍ଚରେ ଆଇଟିଆଇ ତାଲିମ୍ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ୮୪ ଜଣଙ୍କୁ କୁଶଳୀ ଶ୍ରମିକ ଭାବେ ନିଯୁକ୍ତି ଦିଆଯାଇଥିଲା। ଦୀର୍ଘ ୧୩ ବର୍ଷ ଧରି ସେମାନେ କାର୍ଯ୍ୟ କରି ଆସୁଥିବାବେଳେ କର୍ତ୍ତୃପକ୍ଷ ବିନା କୌଣସି ନୋଟିସରେ ବର୍ଷେ ହେଲାଣି ଛଟେଇ କରିଛନ୍ତି। ସେମାନଙ୍କ ସହ ଗତ ଏକବର୍ଷ ମଧ୍ୟରେ ପ୍ଲାଣ୍ଟ ଭିତରେ ଓ ବାହାରେ କାର୍ଯ୍ୟରତ ୬୦୦ରୁ ଅଧିକ ଠିକା କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ଏଣୁ ଏମାନଙ୍କୁ ପୁନଃନିଯୁକ୍ତି ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ଏ ନେଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ୯୮୨ ରୋଗୀଙ୍କ ଚିକିତ୍ସା

**ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା**

**ଖମାର,୨୬।୪(ଡି.ଏନ୍.ଏ.)**




ସ୍ୱାସ୍ଥ୍ୟମେଳା ମଞ୍ଚରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପବିତ୍ରପୁର ପଞ୍ଚାୟତ ସିଆରମାଳିଆ ଗ୍ରାମରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶଶିକାନ୍ତ ବେହେରାଙ୍କ ଉଦ୍ୟମରେ ହୋଇଥିବା ଏହି ସ୍ୱାସ୍ଥ୍ୟମେଳାକୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ମେଳାରେ ଡାକ୍ତର ଶଶୀକାନ୍ତ ବେହେରା, ଡାକ୍ତର କୃତିବାସ ସୁବୁଦ୍ଧି, ଡାକ୍ତର ବନମାଳି, ଡାକ୍ତର ମନୋଜ ଗୋଛାୟତ, ଡାକ୍ତର ନାରାୟଣ ବେହେରା, ଡାକ୍ତର ଅବିନାସ ସେଠୀ, ଡାକ୍ତର ଅଭିଶେକ ସାହୁ ଉପସ୍ଥିତ ରହି ୯୮୨ ରୋଗୀ ଚିକିତ୍ସା କରିବା ସହ ବିନା ମୂଲ୍ୟରେ ଔଷଧ ଯୋଗାଇ ଦେଇଥିଲେ।

## ଜିଆର୍‌ଏସ୍‌ଙ୍କ ପରଲୋକ

**ମାଧପୁର,୨୬।୪**

ଆଠମଲ୍ଲିକ ବ୍ଲକ ମାଧପୁର ଏବଂ କିଆକଟା ପଞ୍ଚାୟତର ଜିଆର୍‌ଏସ୍ ସୁନୀଲ ଭୋଇଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସକାଳେ ସେ ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ ତାଙ୍କୁ ଅନୁଗୋଳ ଏବଂ ପରେ କଟକ ବଡମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଘର ବିନିକେଇ ଅଞ୍ଚଳର ବାହାଲି ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଜରୁରୀ

**ତାଳଚେର,୨୬।୪(ନି.ପ୍ର.)**

ତାଳଚେର ସନ୍ଥପଡ଼ାସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୮ ତାରିଖରୁ ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଯୋଗଦେଇ ଆଜିର ଯୁଗରେ ଛାତ୍ରୀ ଏବଂ ପ୍ରତ୍ୟେକ ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କେତେ ଜରୁରୀ ତାହା ଦର୍ଶାଇଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ଶୈଳେନ୍ଦ୍ରୀ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଇଂଲିଶ ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର ଶିବିର ତଦାରଖ କରିବା ସହ ଧନ୍ୟବାଦ ଦେଇଥିଲେ।



ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ମହାବିଦ୍ୟାଳୟରେ ଜଳଛତ୍ର ଉଦ୍‌ଘାଟିତ

**କଣିହାଁ,୨୬।୪(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରନଗର ମହାବିଦ୍ୟାଳୟ ପରିସରରେ ସୋମବାର ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଜଳଛତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଯୁକ୍ତ ୩ କଲେଜ ଅଧ୍ୟକ୍ଷ ବିନୋଦ ପ୍ରଧାନ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ବେଳେ ଏହି ଜଳଛତ୍ର ଛାତ୍ରୀଛାତ୍ରମାନଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କଲେଜ ଅଧ୍ୟକ୍ଷ କହିବା ସହ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ ଜନପ୍ରତିନିଧିମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସନ୍ତା ୨୮ ତାରିଖରେ କଣିହାଁ କଲେଜରେ ଏକ ଜଳଛତ୍ର ଖୋଲାଯିବା ବ୍ୟବସ୍ଥା ହେବ ବୋଲି ବ୍ଲକ ଅଧ୍ୟକ୍ଷ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଜଳଛତ୍ର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

# ବୈଷମ୍ୟମୁକ୍ତ ସମାଜ ଗଠନ ଆହ୍ୱାନ

**ବଅଁରପାଳ,୨୬।୪(ଡି.ଏନ.ଏ.)**

**ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ଉଦ୍‌ଯାପିତ**

ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ଗୋପବନ୍ଧୁ ପାର୍କ ନିକଟସ୍ଥ ମୁକ୍ତାକାଶ ମଣ୍ଡପରେ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ବାବା ସାହେବ ଡ. ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ଏସ୍‌ସି ଓ ଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଘ ସଭାପତି କେଦାର ନାଥ ଦେହୁରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରୁପ୍ ଜେନେରାଲ ମ୍ୟାନେଜର (ସିପିପି) ସରୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଗ୍ରୁପ୍ ଜେନେରାଲ ମ୍ୟାନେଜର (ଏଚ୍‌ଆଣ୍ଡଏ)-ଏସ୍ ଆଣ୍ଡ ପି ସତ୍ୟାନନ୍ଦ ସାହୁ, ମୁଖ୍ୟ ବକ୍ତାଭାବେ ଡ. ପର୍ଶୁରାମ ଶିଅଳ ଏବଂ ସମ୍ମାନିତ ବକ୍ତା ଭାବେ ଅମିୟ ପାଣ୍ଡବ ଯୋଗଦେଇ ବାବା ସାହେବଙ୍କ ଜୀବନ ଓ ସଂଗ୍ରାମର ବିବିଧ ଦିଗ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୈଷମ୍ୟମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ବନବିହାରୀ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସପ୍ତାହେ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧଲିଖନ ଓ ବିତର୍କ ଆୟୋଜନ କରାଯାଇ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଛବିନ୍ଦ୍ର ଭୋଇ, ଭାସ୍କର ନାୟକ, ରାଜକୁମାର ବେହେରା, ଅକ୍ଷୟ କୁମାର ବଦ୍ରା, ଦେବେନ୍ଦ୍ର ଓରାମ, ଯଦୁନାଥ ପ୍ରଧାନ, ପ୍ରସନ୍ନ କୁମାର ମଲ୍ଲିକ, ବସନ୍ତ କୁମାର ନାଏକ, କୈଳାସ ଚନ୍ଦ୍ର ଭୋଇ, ପ୍ରଣମୀ ଭୋଇ, ସୁରଜ କୁମାର ନାଏକ, ସର୍ବସିଦ୍ଧି ବାଗ, କ୍ଷେତ୍ରମୋହନ ଭୋଇ, ମନୋଜ ଦାସ, ପ୍ରତାପ କୁମାର ମଲ୍ଲିକ, ବିନୋଦ ବେହେରା, ରବୀନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ।




ବାବା ସାହେବ ଡ. ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ଅବସରରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଗଣବଳାତ୍କାର ମାମଲା: ୪ ଜଣଙ୍କୁ ୨୦ ବର୍ଷ ଲେଖାଏ ଜେଲ୍

**ଅନୁଗୋଳ ଅଫିସ,୨୬ା୪:** ଅନୁଗୋଳ ଜିଲା ତାଳଚେରଠାରେ ୨୦୧୮ରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ତାଳଚେର ଅତିରିକ୍ତ ଜିଲା ଓ ଦୌରାଜଜ୍ ରବୀନ୍ଦ୍ର କୁମାର ଦାଶ ଏହି ମାମଲାର ବିଚାର କରି ୪ ଅଭିଯୁକ୍ତ ସୌଭାଗ୍ୟ ନାଏକ, ପ୍ରଶନ୍ନ ନାଏକ, ରତନ ନାୟକ, ଯୋଗେନ୍ଦ୍ର ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ହରିଚନ୍ଦନପୁର ଅଞ୍ଚଳର ସମ୍ପୃକ୍ତା ଯୁବତୀ ତାଳଚେରରେ ଥିବା ଲିଙ୍ଗରାଜ ସିଏଚ୍‌ପି ହଟିଂରେ ମା'ଙ୍କ ସହ ରହି ଗୁଜୁରାଣ ମେଣ୍ଟାଉଥିଲେ। ତେବେ ୨୦୧୮ ଏପ୍ରିଲ ୨୧ ତାରିଖ ରାତିରେ ତାଙ୍କ ବନ୍ଧୁଙ୍କ ସହ ଯୁବତୀ ଜଣକ ଘରୁ ବସ୍‌ଷ୍ଟାଣ୍ଡ ନିକଟ ପଡ଼ିଆକୁ ଯାଇ ବସି କଥା ହେଉଥିବା ସମୟରେ ସମ୍ପୃକ୍ତ ୪ ଅଭିଯୁକ୍ତ ତାଙ୍କ ବନ୍ଧୁଙ୍କୁ ମାରପିଟ୍ କରିବା ସହ ହାତଗୋଡ଼ ବାନ୍ଧି ପକାଇ ଦେଇଥିଲେ। ପରେ ଯୁବତୀଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ଜଣକ ୨୦୧୮ ଏପ୍ରିଲ ୨୨ ତାରିଖରେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୫/୧୮ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିଲା। କ୍ୟାଡର ପି.ପି ଜ୍ୟୋତିପ୍ରକାଶ ମହାପାତ୍ରଙ୍କ ସହ ନିର୍ମଳ କୁମାର ତ୍ରିପାଠୀ ଓ ନରେଶ ଚନ୍ଦ୍ର ନାଏକ ଏହି ମାମଲା ପରିଚାଳନା କରୁଥିଲେ।

### ୫୧ ଜଣଙ୍କୁ ଶ୍ରମକାର୍ଡ ବଣ୍ଟନ

**ବଇଣ୍ଡା,୨୬ା୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ସଭାଗୃହ ପରିସରରେ ମଙ୍ଗଳବାର ଶ୍ରମକାର୍ଡ ବଣ୍ଟନ କରାଯାଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସସ୍ମିତା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ୫୧ ଜଣଙ୍କୁ ଶ୍ରମକାର୍ଡ ବଣ୍ଟନ କରିବା ସହ ଶ୍ରମକାର୍ଡ ମାଧ୍ୟମରେ ବହୁ ଲୋକେ ସରକାରୀ ଯୋଜନାରେ ଉପକୃତ ହେଉଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସମିତିସଭ୍ୟ ଭଜମନ ସେଠୀ, ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଈଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଜଳିଗଲା ୧୧ ବଖରା



**ବଇଣ୍ଡା,୨୬ା୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କନ୍ତପଡା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଶ୍ୟାମସୁନ୍ଦର ବେହେରା, ସିମୀ ବେହେରା, ଗେଲି ବେହେରା, ପ୍ରବିତା ବେହେରା, ପ୍ରଦୀପ ବେହେରା, କଲ୍ୟାଣୀ ବେହେରାଙ୍କ ୧୧ ବଖରା ଚାଳଘର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ନିଖୋଜ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

## କୂଅରୁ ମିଳିଲା ମୃତଦେହ

**ଛେଣ୍ଡିପଦା,୨୬ା୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଗ୍ରାମର ପ୍ରାଣବନ୍ଧୁ ସେଠୀ (୮୦) ସୋମବାର ରାତିରୁ ନିଖୋଜ ଥିବାବେଳେ ମଙ୍ଗଳବାର ତାଙ୍କ ମୃତଦେହ ଏକ କୂଅରୁ ପୋଲିସ ଜବତ କରିଛି। ପ୍ରାଣବନ୍ଧୁଙ୍କୁ ହତ୍ୟାପରେ କୂଅରେ ପକାଇ ଦିଆଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, ଗତ ରବିବାର ପ୍ରାଣବନ୍ଧୁ ସେହି ଗ୍ରାମର ଅମର ପ୍ରଧାନ ଓ ବିପିନ ଦେହୁରୀଙ୍କ ସହ ଗାଁମୁଣ୍ଡରେ ଥିବା ଏକ ବଗିଚା ନିକଟକୁ ଭୋଜି କରିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ପରେ ପୁଣି ରାତି ୮ ବେଳେ ଅମର ଓ ବିପିନଙ୍କ ସହ ଏକ ଦୋକାନ ସମ୍ମୁଖକୁ ଯାଇ ମୁଢି ଓ ମାଂସ ଖାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାଣବନ୍ଧୁ ଘରକୁ ଫେରି ନ ଥିଲେ। ପରିବାର ଲୋକମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସୋମବାର ଅପରାହ୍ନରେ ଥାନାରେ ନିଖୋଜ ସମ୍ପର୍କିତ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରିବା ସହିତ ବିପିନ ଓ ଅମରଙ୍କ ସହ ଅମରଙ୍କ ବାପା କଷ୍ଟୁ ପ୍ରଧାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ହେଲେ ସୋମବାର ରାତି ୧୨ଟା ବେଳେ ପ୍ରାଣବନ୍ଧୁଙ୍କ ମୃତଦେହ ଏକ କୂଅରେ ଭାସୁଥିବା କେତେଜଣ ଯୁବକ ଦେଖିଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ସକାଳେ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ କୂଅରୁ ପ୍ରାଣବନ୍ଧୁଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି। ତେବେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।



ମୃତଦେହ ଜବତ ସହ ପୋଲିସ ଗାଁରେ ତଦନ୍ତ କରୁଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଚିତ୍ରଶିଳ୍ପୀ ଶୁଚିସ୍ମିତା

**ଅନୁଗୋଳ ଅଫିସ,୨୬ା୪**

## କାଚ ବୋତଲରେ ସ୍ୱଞ୍ଜ ଆକ୍ରିଲିକ୍ ପେଣ୍ଟିଂ

ଅନୁଗୋଳ ଜିଲା ନାଲ୍‌କୋନଗର ଅଞ୍ଚଳର ଚିତ୍ରଶିଳ୍ପୀ ଶୁଚିସ୍ମିତା ଦାସ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ସେ ବିଭିନ୍ନ ପୁରୁଣା କାଚ ବୋତଲ ଉପରେ ସ୍ୱଞ୍ଜ ଆକ୍ରିଲିକ୍ ପେଣ୍ଟିଂ କରି ଅନୁଗୋଳ ପାଇଁ ଏହି ଗୌରବ ଆଣିଛନ୍ତି। ପିଲାଟି ଦିନରୁ ଏ ଦିଗରେ ତାଙ୍କର ଅନେକ ଆଗ୍ରହ ଥିଲା। ଫଳରେ ଚିତ୍ର ଅଙ୍କନ ଜରିଆରେ ସେ ବହୁ ସୁନାମ ଅର୍ଜନ କରିଛନ୍ତି। ଏପରି କି ଗୋଟିଏ ସ୍ୱଞ୍ଜ ଆକ୍ରିଲିକ୍ ପେଣ୍ଟିଂ ପାଇଁ ତାଙ୍କୁ ମାତ୍ର ୩୦ମିନିଟ୍ ସମୟ ଲାଗେ। ଅନ୍ୟମାନଙ୍କଠାରୁ ମିଳୁଥିବା ପ୍ରେରଣା ବଳରେ ସେ ଏହି କୃତିକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନିତ କରିପାରିଛନ୍ତି। ସେ ତୃତୀୟ ଶ୍ରେଣୀରୁ ନାଲ୍‌କୋସ୍ଥିତ 'ଦି କ୍ଲବ ଚିତ୍ରକଳା' ଶିକ୍ଷାନୁଷ୍ଠାନରୁ ଚିତ୍ରକଳା ଶିକ୍ଷା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରରେ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି।




# ସ୍ମାର୍ଟ କ୍ଲାସ୍ ଉଦ୍‌ଘାଟିତ

**ବଇଣ୍ଡା,୨୬ା୪(ଡି.ଏନ.ଏ.)**

କିଶୋରନଗର ଯୁକ୍ତ ୨ ମହାବିଦ୍ୟାଳୟରେ ମଙ୍ଗଳବାର ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, କିଶୋରନଗର ବ୍ଲକ ଉପାଧ୍ୟକ୍ଷା ଲବ କୁମାର ପ୍ରଧାନ, ବିଡିଓ ଡ. ସ୍ୱରୁପାନନ୍ଦ ସାହୁ, କିଶୋରନଗର ଏବିଇଓ ନରୋତ୍ତମ ପ୍ରଧାନ, କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଡ. ଦଧିବାମନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ୟାମଲାଲ ପଟେଲ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ସ୍ମିତାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟାପକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# କୁମ୍ଭାରିଆ, ବାଉରି ସେତୁ ଉଦ୍‌ଘାଟିତ

**ଛେଣ୍ଡିପଦା,୨୬ା୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କମ୍ପସଲା ଓ ଜେରେଙ୍ଗ ଦେହୁରୀସାହିଠାରେ ମଙ୍ଗଳବାର ଦୁଇଟି ସେତୁ ଉଦ୍‌ଘାଟିତ ହୋଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ଏହି ୨ ସେତୁର ଲୋକାର୍ପଣ କରିଥିଲେ। ଛେଣ୍ଡିପଦା ବ୍ଲକର କମ୍ପସଲା–କେନ୍ଦୁପଶି କୁମ୍ଭାରିଆ ନାଳ ଉପରେ ୩କୋଟି ୬୧ଲକ୍ଷ ୧୧ ହଜାର ୪୭୭ ଟଙ୍କା ବ୍ୟୟରେ କୁମ୍ଭାରିଆ ସେତୁ ନିର୍ମାଣ ହୋଇଛି। ପୂର୍ବରୁ ଏହି ନାଳ ଉପରେ ହୋମ୍‌ପାଇପ ପକାଯାଇ ଯାତାୟାତ କରାଯାଉଥିଲା। ହେଲେ ବର୍ଷାଦିନେ ପାଇପ୍ ଭାଙ୍ଗିବା ଏବଂ ପୋଲ ଦବି ଯାଉଥିବାରୁ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଖଣିଜ ପାଣ୍ଠିରୁ ଏହି ସେତୁକୁ ଖୁବଶୀଘ୍ର ନିର୍ମାଣ କରାଯାଇଥିଲା। ସେହିପରି ଜେରେଙ୍ଗଦେହୁରୀସାହିଠାରୁ ଯାଇଥିବା ସଉରିଆ ରାସ୍ତାର ବାଉରୀ ନାଳ ଉପରେ ହାଇଲେବୁଲ ଲୁହା ପୋଲ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉନ୍ନୟନ ପ୍ରକଳ୍ପ ଅଧିକାରୀ ଦିଲୀପ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଭାନୁପ୍ରିୟା ପ୍ରଧାନ, ଯଶୋବନ୍ତ ପ୍ରଶାଦ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, କମ୍ପସଲା ସରପଞ୍ଚ ବାବୁଲା ପ୍ରଧାନ ଓ ଜେରେଙ୍ଗଦେହୁରୀସାହିର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ, ବାଲିପଟାର ପୂର୍ବତନ ସରପଞ୍ଚ ରାକେଶ ପ୍ରଧାନଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ପଞ୍ଚାୟତପ୍ରତିନିଧି ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଓ ଜିଲାପାଳଙ୍କ ସମେତ ଅନ୍ୟମାନେ।

# କମ୍ପ୍ୟୁଟର ଶିକ୍ଷା ବିନା ଆଗକୁ ଯିବା ଅସମ୍ଭବ

**ବଇଣ୍ଡା,୨୬ା୪(ଡି.ଏନ.ଏ.)**

ଆଜିର ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ରହିଛି। ଶିଶୁଟିଏ ମଧ୍ୟ କମ୍ପ୍ୟୁଟର ଶିକ୍ଷାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛି। କମ୍ପ୍ୟୁଟର ଶିକ୍ଷା ବିନା ଆଗକୁ ଯିବା ଅସମ୍ଭବ ବୋଲି ସୋମବାର ବଇଣ୍ଡାଠାରେ ଥିବା ନାଇସ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରଠାରେ ଅନୁଷ୍ଠିତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଶିକ୍ଷାସଂସ୍ଥାର ପରିଚାଳକ ବୁବୁନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ମାଧବ ଚନ୍ଦ୍ର ସାହୁ, ପ୍ରତାପ ପ୍ରଧାନ, ଉଗ୍ରସେନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କମ୍ପ୍ୟୁଟର ଶିକ୍ଷା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକୁନ ପ୍ରଧାନ ପରିଚାଳନା କରିଥିଲେ। ସଂସ୍ଥାର ତୋଫାନ ପ୍ରଧାନ, ରୂପବଲ୍ଲଭ ପ୍ରଧାନ, କ୍ଷିତୀଶ ନାୟକ, ସୋନାଲି ଶଙ୍ଖାରି ପ୍ରମୁଖ ସହଯୋଗ କରିଥିଲେ।




ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ।

# 'ଶିଳ୍ପରେ ସ୍ଥାନୀୟ ଯୁବକଙ୍କୁ ମିଳୁନି ନିଯୁକ୍ତି'

**ଅନୁଗୋଳ ଅଫିସ,୨୬ା୪**

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ ବୋଲ କାର୍ଯ୍ୟକ୍ରମ ନେଇ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଗୋଳସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ କଂଗ୍ରେସ ରାଜ୍ୟ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ନମ୍ରତା ସୋନି, ରାଜ୍ୟ ଉପସଭାପତି ବିମଳ ବେହେରା, ଓବିସି ସେଲ୍ ସଭାପତି ଜିତେନ୍ଦ୍ର ସାହୁ, ଜିଲା ସଭାପତି ଲୁଟୁ ରଞ୍ଜନ ଥାପା, ସମ୍ପାଦକ ରାକେଶ ମିଶ୍ର, ଆଶୁତୋଷ ଲେଙ୍କା, ପ୍ରବୋଧ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୟଙ୍ଗ ଇଣ୍ଡିଆ ବୋଲ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପଞ୍ଜୀକରଣ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି ଲେଙ୍କା ଅନୁଗୋଳ ଜିଲାରେ ଥିବା ଖଣି ଖଦାନ ଏବଂ ଶିଳ୍ପ ଗୁଡିକରେ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ନ ମିଳିବା ଏବଂ ୫୫ ନମ୍ବର ଜାତୀୟ ରାଜପଥର ଦୂରବସ୍ଥା ନେଇ ସିଧାସଳଖ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଯୁବ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାଇ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ।

# ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

**ବଇଣ୍ଡା,୨୬ା୪(ଡି.ଏନ.ଏ.)**

ଅନେକ ବିଦ୍ୟାଳୟରେ ଶିକ୍ଷାର ପ୍ରସାର ପ୍ରଚାର ବୃଦ୍ଧି ହେଉନାହିଁ। ଏଥିପାଇଁ ଶିକ୍ଷକ ସମାଜ, ଅଭିଭାବକ ଓ ପରିଚାଳନା କମିଟି ଅଧିକ ଯତ୍ନବାନ ହେବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମଙ୍ଗଳବାର ବିଶ୍ୱଯୁବ କେନ୍ଦ୍ର ଆନୁକୂଲ୍ୟରେ କିଶୋରନଗର ବ୍ଲକ ଲୁହାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଷ୍ଟାର ସ୍କୁଲ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ୧୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ସିଇଡିର ସମ୍ବଲପୁର ନିର୍ଦ୍ଦେଶକ ଅଭିରାମ ପ୍ରାଣିଗ୍ରାହୀ, ୱାଇସିଡିଏ ବୌଦ୍ଧ ନିର୍ଦ୍ଦେଶକ ରାଜେନ୍ଦ୍ର ମେହେର, କଣ୍ଟେଇକୋଳିଆ ସରପଞ୍ଚ ନୟନା ବେହେରା, ସିଆର୍‌ସିସି ବସନ୍ତ କୁମାର ପ୍ରଧାନ, ଲୁହାମୁଣ୍ଡା ସମିତିସଭ୍ୟ ଧୋବେଇ ବେହେରା, ଗାଁ ବଇଣ୍ଡା ସିଆର୍‌ସି ଭବାନୀ ଶଙ୍କର ସାହୁ, ପ୍ରତାପ ପ୍ରଧାନ, ଈଶ୍ୱରଚନ୍ଦ୍ର ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ର ସଭାପତି ନନ୍ଦ କିଶୋର ମହାକୁଡ ପ୍ରମୁଖ ଯୋଗଦେଇଥିଲେ। ସହସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲୁହାମୁଣ୍ଡା, ଗାଁ ବଇଣ୍ଡା, ଜାମୁନାଳୀ, କଣ୍ଟେଇକୋଳିଆ ଆଦି ୪ ପଞ୍ଚାୟତର ୨୭ ବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ପ୍ରଧାନ ଶିକ୍ଷକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୩ ମାସ ଯାଏ ପଥିକଙ୍କୁ ମିଳିବ ପାନୀୟ ଜଳ

**ତାଳଚେର,୨୬ା୪(ନି.ପ୍ର.)**

## ସେଣ୍ଟ ଜନ୍ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଜଳଛତ୍ର

ଅନୁଗୋଳ ଜିଲା ତାଳଚେରରେ ତାପମାତ୍ରା ବଢୁଥିବା ବେଳେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସେଣ୍ଟ ଜନ୍ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ସୋମବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ସିଏଲ୍‌ର ସ୍ଥାନୀୟ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠାନର ଡିଭିଜନାଲ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଏବଂ କ୍ଷେତ୍ରୀୟ କାର୍ମିକ ଅଧିକାରୀ ଏ.ଏନ୍. ଶର୍ମା, ଅନନ୍ତ ବିହାର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତ୍ରିନାଥ ପଣ୍ଡା, ବିତ୍ତ ବିଭାଗ ମୁଖ୍ୟ ସି.ଆର୍. ଦାସ,ବୈଦ୍ୟୁତିକ ବିଭାଗ ମୁଖ୍ୟ ଜୟପ୍ରକାଶ, ନିର୍ମାଣ ବିଭାଗ ମୁଖ୍ୟ ଏ. ତୀର୍ଥମଲେଇ, କ୍ଷେତ୍ରୀୟ ସୁରକ୍ଷା ଅଧିକାରୀ ଭି.ଏସ୍. ତିମିଆ, ଚିଫ୍ ମ୍ୟାନେଜର କେ.ସି. ଚୌଧୁରୀ, ଷ୍ଟାଫ୍ ଅଫିସର ବି.କେ. ସେଠୀ, ଜିଏମ୍ ସଚିବ ପ୍ରମୋଦ କୁମାର ପତ୍ରି, ଏଚ୍‌ଏମ୍‌ଏସ୍ ଶ୍ରମିକ ନେତା ଶଙ୍କର ବେହେରା, ବିଏମ୍‌ଏସ୍ ଶ୍ରମିକ ନେତା ସୁଦର୍ଶନ ମହାନ୍ତି, ଜିଲା ରେଡ୍‌କ୍ରସର ବରିଷ୍ଠ ସଦସ୍ୟ ବଳରାମ ପତୀ, ତୋଫାନ ଯୁବକ ସଂଘ ସଭାପତି ଧୀରେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ଆଗାମୀ ତିନି ମାସ ଯାଏ ଉକ୍ତ ରାସ୍ତାରେ ଯାଆସ କରୁଥିବା ଜନସାଧାରଣ, ଛାତ୍ରୀଛାତ୍ରମାନଙ୍କୁ ଲେମ୍ବୁ ପାଣି, ଦହି ପାଣି, ଥଣ୍ଡା ପାଣି ଏବଂ ଓଆର୍‌ଏସ୍ ପାଣି ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁ, ବ୍ରିଗ୍ରେଡ୍ ସଦସ୍ୟ ରଞ୍ଜିତ ସାହୁ, ଅଞ୍ଜନ ଶତପଥୀ, ପ୍ରଫୁଲ୍ଲ ସାହୁ, ବିଭୂତି ମହାରଣା, ଆଶିଷ ବାରିକ, ପ୍ରଶାନ୍ତ ରାଉତ, ଅମରେଶ ସାମଲ, ପ୍ରମୋଦ ସାହୁ, ମାୟାଧର ପ୍ରଧାନ, ବିଦ୍ୟାଧର ପ୍ରଧାନ, ସମୀର ପ୍ରଧାନ, ରାଜେନ୍ଦ୍ର ସାହୁ, ସତ୍ୟ ନାରାୟଣ ପ୍ରଧାନ, ବୈକୁଣ୍ଠ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଦୀପକ ଦାସ, ସୁମନ୍ତ ସାହୁ, ମଳୟ କୁମାର ସାହୁ, ମନୋଜ ପ୍ରଧାନ, କିଶୋରୀ ସାହୁ, ସୁନୀଲ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।




ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଧରିତ୍ରୀ
DHARITRI
ବୁଧବାର, ୨୭ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ବ୍ୟାଙ୍କ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**ଢେଙ୍କାନାଳ ଅଫିସ, ୨୬।୪:** ଢେଙ୍କାନାଳ ରଥଗଡ଼ାସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କ ସ୍ଥାନାନ୍ତର ନିଷ୍ପତ୍ତିକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଉକ୍ତ ବ୍ୟାଙ୍କ ଉପରେ ରଥଗଡ଼ା, ଗଣେଶବଜାର ଅଞ୍ଚଳର ବ୍ୟବସାୟୀ, କୈବଲ୍ୟ ବଜାର, ଖମାର ସାହି, ଦେଉଳସାହି ସମେତ ସହର ଉପକଣ୍ଠ ବିଭିନ୍ନ ଗ୍ରାମର ବାସିନ୍ଦା ନିର୍ଭର କରୁଛନ୍ତି। ସେହିପରି ଜୀବନବୀମା କାର୍ଯ୍ୟାଳୟକୁ ଆସୁଥିବା ଗ୍ରାହକ ଏହା ଉପରେ ନିର୍ଭରଶୀଳ। ତେବେ ବ୍ୟାଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ଜଣାପଡ଼ିବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଉଫୁନା'ର ରାଜ୍ୟ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକ, ଆଇନଜୀବୀ ନରେଶ ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ବେହେରା, ଦେବନ ବେହେରା, ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ ଶତପଥୀ, ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ବସନ୍ତ ସାହୁ, ଶରତ ସାହୁ ପ୍ରମୁଖ ଏହାର ଦୃଢ଼ ବିରୋଧ କରିଛନ୍ତି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେମାନେ ଦାବି କରିଛନ୍ତି।

### ୨୫ ଲିଟର ମଦ ଜବତ, ୨ ଗିରଫ



**ଢେଙ୍କାନାଳ ଅଫିସ, ୨୬।୪:** ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟ ଅଞ୍ଚଳରୁ ମଙ୍ଗଳବାର ଟାଉନ ଥାନା ପୋଲିସ ୨୫ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ପାମାଳ ଗ୍ରାମର ମହେଶ୍ୱର ସ୍ୱାଇଁ ଏବଂ ରୁଦ୍ରନାରାୟଣ ବାରିକଙ୍କୁ ଗିରଫ କରାଯାଇଛି। ଉଭୟେ ଏକ ସ୍କୁଟିରେ ଦେଶୀ ମଦ ନେଇ ଢେଙ୍କାନାଳ ସହର ଆଡ଼କୁ ଆସୁଥିଲେ। ସୂଚନା ପାଇ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସଦଳବଳ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ମଦ ଚାଲାଣରେ ବ୍ୟବହୃତ ସ୍କୁଟିକୁ ଜବତ କରି ପୋଲିସ ତଦନ୍ତ କରୁଛି।

### 'ଆମ ଐତିହ୍ୟ, ଆମ ସଂସ୍କୃତି' ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୨୬।୪:** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ଅଷ୍ଟାଦଶ ଇ-ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। 'ଆମ ଐତିହ୍ୟ, ଆମ ସଂସ୍କୃତି' ଶୀର୍ଷକ ବିଷୟ ଉପରେ ଏହି ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଶାର ସଂଯୋଜିକା ରଶ୍ମିତା ରାଉତ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟବକ୍ତା ଭାବେ କବିଭୂଷଣ ସାହିତ୍ୟ ସଂସଦ ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଭାଷା ବିଜ୍ଞାନୀ ଗୋଲକ ବିହାରୀ ଧଳଙ୍କ କୃତି ଉପରେ ବିସ୍ତୃତ ତଥ୍ୟ ରଖିଥିଲେ। ଦୀପ୍ତିମୟୀ ଲେଙ୍କାଙ୍କ ସଂଯୋଜନାରେ ଶିକ୍ଷୟିତ୍ରୀ ଯାମିନୀ ହୋତା ବିବେକବାଣୀ, ଜିତେନ୍ଦ୍ର ପରିଡ଼ା ଶାନ୍ତିମନ୍ତ୍ର ପାଠ କରିଥିଲେ। ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ସାଧାରଣ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଆଲୋଚନାଚକ୍ରରେ ସଂସଦର ସମସ୍ତ ଆଜୀବନ ସଦସ୍ୟ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇନ ସଚେତନତା ଶିବିର



**ଢେଙ୍କାନାଳ ଅଫିସ, ୨୬।୪:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍-୧୯ ଗାଇଡ୍‌ଲାଇନ୍ ସମ୍ପର୍କରେ ପାରାଲିଗାଲ ଭଲ୍ୟୁଣ୍ଟିୟରମାନଙ୍କୁ ସଚେତନ କରାଯାଇଥିଲା। ଏଡିଆର୍ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଯୋଗଦେଇ ସିଆର୍‌ପିସି, ଏଫ୍‌ଆଇଆର୍, ବେଲ୍, ସମନ, ୱାରେଣ୍ଟ ଏବଂ ଅପିଲ ଆଦି ସମ୍ପର୍କିତ ଆଇନ ଉପରେ ଆଲୋଚନା କରିଥିଲେ।

# ଗୋସମ୍ପଦକୁ ମିଳୁନି ଗୁରୁତ୍ୱ

- ଗୋପାଳନ ପ୍ରତି ବଢୁଛି ଆଗ୍ରହ, ପ୍ରୋତ୍ସାହନ ନାହିଁ
- ୫ ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ରରେ ଝୁଲୁଛି ତାଲା
- ଭଙ୍ଗାଘରେ ଚାଲିଛି ବାରୁଆଁ ପ୍ରାଣୀଧନ ଚିକିତ୍ସାଳୟ




(ବିପିନ ବିହାରୀ ସେଠୀ)
**ଭୁବନ, ୨୬।୪**

ଗୋପାଳନ କରି ଜଣେ ସହଜରେ ଚଳାଇପାରିବେ ପରିବାର। ଦିନକୁ ମାତ୍ର କେଇଘଣ୍ଟା ଶ୍ରମଦାନ କଲେ ନିଜେ ସ୍ୱାବଲମ୍ବୀ ହୋଇପାରିବେ। ଘରର ଆବଶ୍ୟକତା ପୂରଣ କରିବା ପରେ ବଳକା କ୍ଷୀର ବିକି ରୋଜଗାର କରିପାରିବେ ଦୁଇ ପଇସା। ଏଥିଲାଗି ଆଞ୍ଚଳିକ ବଜାରରେ ରହିଛି ପର୍ଯ୍ୟାପ୍ତ ସମ୍ଭାବନା। ଏହାର ସୁଯୋଗ ନେବାକୁ ଆହ୍ୱାନ କରାଯାଉଛି। ଆବଶ୍ୟକସ୍ଥଳେ ଉତ୍ସାହୀ ଯୁବତୀଯୁବକଙ୍କୁ ଋଣ ସାଙ୍ଗକୁ ଅନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ ବୋଲି ମିଳୁଛି ପ୍ରତିଶ୍ରୁତି। ସରକାର ଏଭଳି ସ୍ୱପ୍ନ ଦେଖାଇବା ପରେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏବଂ ଏନ୍‌ଏସିରେ ବୃଦ୍ଧିପାଇଛି ଗୋପାଳକଙ୍କ ସଂଖ୍ୟା। ତା' ସହିତ ବଢ଼ିଛି ଗୋମହିଷାଦି ପ୍ରାଣୀ ସମ୍ପଦ। ହେଲେ ଗୋ-ସମ୍ପଦର ସୁରକ୍ଷା, ରକ୍ଷଣାବେକ୍ଷଣ ଏବଂ ସ୍ୱାସ୍ଥ୍ୟଯତ୍ନ ଦିଗରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ନିଜସ୍ୱ ଚେଷ୍ଟାରେ ରୋଜଗାରକ୍ଷମ ହେବାକୁ ଅଣ୍ଟା ଭିଡ଼ିଥିବା ଶିକ୍ଷିତ ଯୁବପିଢ଼ି ଏଥିରୁ ମୁହଁ ଫେରାଇ ନେଉଛନ୍ତି।

ଉନ୍ନତ କିସମର ବଳଦ ଏବଂ ଗାଇ ପାଳନ ପାଇଁ ସୁନାମ ଅର୍ଜନ କରିଛି ଏସିଆ ମହାଦେଶର ସର୍ବବୃହତ୍ ଗ୍ରାମ ଭୁବନ। ବ୍ଲକର ୧୮ ପଞ୍ଚାୟତ ଏବଂ ଏନ୍‌ଏସିର ୧୫ ୱାର୍ଡରେ ବର୍ଷତମାମ ରୋଜଗାର ଆଶାରେ ସହସ୍ରାଧିକ ଚାଷୀ ଗୋପାଳନ କରୁଛନ୍ତି। ୨୦୧୧ ଗୋସମ୍ପଦ ଗଣନା ରିପୋର୍ଟ ଅନୁଯାୟୀ ବ୍ଲକ ଏବଂ ଏନ୍‌ଏସିରେ ୪୮,୦୦୦ ଗାଇ ଥିଲେ। ୨୦୧୯ରେ ଏହି ସଂଖ୍ୟା ୫୨,୦୦୦ରେ ପହଞ୍ଚିଥିଲା। ସଦ୍ୟତମ ରିପୋର୍ଟ ଅନୁଯାୟୀ ୫୨,୬୦୦ ଗାଇଙ୍କ ପଞ୍ଜୀକରଣ ହୋଇଛି। ଜର୍ସି, ବିଞ୍ଝାରପୁରୀ, ହରିୟାଣା, ଗିର୍, ସହିୱାଲ, ରେଡ୍‌ସିନ୍ଧି ଭଳି ଅଧିକ କ୍ଷୀର ଦେଉଥିବା ସଙ୍କରପ୍ରଜାତିର ଗାଇ ପାଳନ ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି ଚାଷୀ। ସେହିପରି ଗ୍ରାମାଞ୍ଚଳରେ ଅଧିକ ଦେଶୀ କିସମ ଗାଇ ପାଳନ କରାଯାଉଛି। ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ଗୋପାଳନ କେନ୍ଦ୍ର ଅଛି। ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ପ୍ରତିବର୍ଷ ଗୋ-ବତ୍ସା ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଉଛି।

ଅଞ୍ଚଳରେ ଏତେସଂଖ୍ୟକ ଗାଇ ପାଳନ କରାଯିବା ଶୁଭସଙ୍କେତ ବୋଲି କୁହାଯାଉଥିବାବେଳେ ସେମାନଙ୍କ ଚିକିତ୍ସା ଦିଗକୁ ଦେଖିଲେ ଯେଉଁ ଚିତ୍ର ଆସିଛି, ତାହା ଅତି ସମ୍ବେଦନଶୀଳ। କାରଣ ଭୁବନ ଅଞ୍ଚଳରେ ଗୋ-ମହିଷାଦି ପ୍ରାଣୀ ସମ୍ପଦର ରକ୍ଷଣାବେକ୍ଷଣ, ଟିକାକରଣ ପାଇଁ ରହିଥିବା ୧୨ ପ୍ରାଣୀଧନ ଚିକିତ୍ସା ଏବଂ ନିରୀକ୍ଷଣ କେନ୍ଦ୍ର ମଧ୍ୟରୁ ଅଧିକାଂଶ କୋମାରେ। ଫଳରେ ଆବଶ୍ୟକ ସମୟରେ ଗୋ-ପାଳକଙ୍କୁ ସହାୟତା ମିଳୁ ନ ଥିବା ଅଭିଯୋଗ ହେଉଛି। ଭୁବନ ଏନ୍‌ଏସି ସମେତ ବ୍ଲକର ଜିରାଳ, ବାରୁଆଁରେ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ରହିଛି। ସେହିପରି ବାଲିବୋ, ମହୁଲପାଳ, କିଙ୍ଗୋଳ, ଧଳପଡ଼ା, ଗଡ଼ନୃସିଂହପ୍ରସାଦ, ସୁରପ୍ରତାପପୁର, ମଠକରଗୋଳା, ମାର୍ଥାପୁର, ଗୋରଡ଼ିଆରେ ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର (ଏଲ୍‌ଆଇ ପଏଣ୍ଟ) ରହିଛି। ତେବେ କର୍ମଚାରୀ ଅଭାବ ଏବଂ ଅନ୍ୟାନ୍ୟ କାରଣରୁ ମଠକରଗୋଳା, ଗଡ଼ନୃସିଂହପ୍ରସାଦ, ଧଳପଡ଼ା, ସୁରପ୍ରତାପପୁର, ମହୁଲପାଳ ଆଦି ୫ଟି କେନ୍ଦ୍ରରେ ତାଲାପଡ଼ିଛି। ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ବାରୁଆଁ ପ୍ରାଣୀଧନ ଚିକିତ୍ସାଳୟ ଗ୍ରାମରେ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଭଙ୍ଗା ଘରେ ଚାଲିଛି। ବହୁ ପୁରାତନ ଭୁବନ ପ୍ରାଣୀଧନ ଚିକିତ୍ସାଳୟରେ ଆନୁଷଙ୍ଗିକ ଭିତ୍ତିଭୂମି ନ ଥିବାରୁ ପୁରୁଣାକାଳିଆ ଢଙ୍ଗରେ ଚାଲିଛି। ବର୍ଷତମାମ ବ୍ୟସ୍ତବହୁଳ ଏହି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପାନୀୟ ଜଳ, ଶୌଚାଳୟ ଭଳି ଅତ୍ୟାବଶ୍ୟକ ସୁବିଧା ନାହିଁ। ଆବଶ୍ୟକ ସଂଖ୍ୟକ ସହାୟକ କର୍ମଚାରୀ ନାହାନ୍ତି। ଫଳରେ ଏଠାକୁ ଆସୁଥିବା ଚାଷୀ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଅଭିଯୋଗ ସତ୍ତ୍ୱେ ଏହାର ସମାଧାନ ଦିଗରେ ବିଭାଗ ପକ୍ଷରୁ ଆନ୍ତରିକତା ପ୍ରକାଶ ପାଉନାହିଁ, ଯାହା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରୁଛି।

ଏ ସଂକ୍ରାନ୍ତରେ ଭୁବନ ପ୍ରାଣୀଧନ ଚିକିତ୍ସାଧିକାରୀ ଶୁଭ୍ରାଂଶୁ ଶେଖର ମାରିକ୍ କୁହନ୍ତି, ଗୋପାଳନ ପ୍ରତି ଯୁବପିଢ଼ି ଆଗ୍ରହୀ ହେଉଛନ୍ତି। କ୍ଷୀର ବିକ୍ରି କରି ବହୁ ବେକାର ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରିଛନ୍ତି। ପ୍ରାଣୀଧନ ଚିକିତ୍ସାଳୟ ଏବଂ ନିରୀକ୍ଷଣ କେନ୍ଦ୍ରକୁ ନେଇ କିଛି ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

### ଜରୁରୀ ସମୟରେ ମିଳୁନି ପରାମର୍ଶ



"ପାଠପଢ଼ା ପରେ ବିଭିନ୍ନ ବ୍ୟବସାୟ କରି ନିରାଶ ହେବା ପରେ ଗୋ-ପାଳନକୁ ପେସା କରିବାକୁ ମନସ୍ଥ କରିଥିଲି। ଏଥିଲାଗି ୟୁଟ୍ୟୁବ୍ ବେଶ୍ ସହାୟକ ହୋଇପାରିଛି। ଅଞ୍ଚଳରେ ଗୋ-ପାଳନ ପ୍ରତି ବେକାର ଯୁବତୀଯୁବକଙ୍କ ମଧ୍ୟରେ ଆଗ୍ରହ ବଢୁଛି। ହେଲେ ଜରୁରୀ ସମୟରେ ଡାକ୍ତରୀ ପରାମର୍ଶ ମିଳିପାରୁନି। ନିଜ ଅଭିଜ୍ଞତାକୁ ଭିତ୍ତି କରି ଗାଈଙ୍କୁ ଔଷଧ ଦେବାକୁ ବାଧ ହେଉଛୁ।

**-ସୁଶାନ୍ତ କୁମାର ଷଣ୍ଢ, ଗୋପାଳକ (ଗଡ଼ଗହମପୁର)**

### ଗ୍ରାମାଞ୍ଚଳରେ ଅଧିକ ସମସ୍ୟା



"ଭୁବନ ଏନ୍‌ଏସିରେ ଗୃହପାଳିତ ପ୍ରାଣୀ ଯଥା ଗାଈ, ଗୋରୁଙ୍କ ଚିକିତ୍ସା ଯେନତେନ ପ୍ରକାରେ ହୋଇଯାଉଛି। ତେବେ ଗ୍ରାମାଞ୍ଚଳରେ ଅନେକ ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର ବନ୍ଦ ପଡ଼ିଥିବାରୁ ସମସ୍ୟା ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବା ସହିତ ଏନ୍‌ଏସିରେ ଥିବା ପ୍ରାଣୀଧନ ଚିକିତ୍ସାଳୟର ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରିବା ଦିଗରେ ଗୁରୁତ୍ୱ ଦେଲେ ସମସ୍ୟାର ସମାଧାନ ହୋଇପାରିବ।

**-ପ୍ରଭାତ କୁମାର ସାହୁ, ଗୋପାଳକ (ଭୁବନ ଏନ୍‌ଏସି)**

## ସାମାନ୍ୟ ଯୁକ୍ତିତର୍କରୁ ଠେଙ୍ଗାରେ ପିଟି ହତ୍ୟା

**ସାତମାଇଲ, ୨୬।୪(ଡି.ଏନ୍.ଏ.)**

ସାମାନ୍ୟ ଯୁକ୍ତିତର୍କକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମରେ ଘଟିଛି ଲୋମଟାଙ୍କୁରା ହତ୍ୟାକାଣ୍ଡ। ଜଣେ ଯୁବକଙ୍କ ଠେଙ୍ଗା ମାଡ଼ରେ ହରେକୃଷ୍ଣ ଜେନା (୫୨) ନାମକ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ,

**ବଳରାମପ୍ରସାଦରେ ଚାଞ୍ଚଲ୍ୟ, ଅଭିଯୁକ୍ତ ଫେରାର**

ସୋମବାର ବିଳମ୍ବିତ ରାତିରେ ଗ୍ରାମର ତୁଷାର ମହାପାତ୍ର (୩୦) ନାମକ ଜଣେ ଯୁବକ ହରେକୃଷ୍ଣଙ୍କୁ ଘରକୁ ଯାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଗଣ୍ଡଗୋଳ ବଢ଼ିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ତୁଷାର ଏକ ଠେଙ୍ଗାରେ ହରେକୃଷ୍ଣଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ମୋଟଙ୍ଗା ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନା ପକ୍ଷରୁ କୁହାଯାଇଛି।

# କପି କଲେ କଠୋର କାର୍ଯ୍ୟାନୁଷ୍ଠାନ

- ୨୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ
- ଜିଲାରେ ୧୬,୭୭୪ ପରୀକ୍ଷାର୍ଥୀ

**ଢେଙ୍କାନାଳ ଅଫିସ, ୨୬।୪**

ଆସନ୍ତା ଏପ୍ରିଲ୍ ୨୯ରୁ ଆରମ୍ଭ ହେଉଛି ମାଟ୍ରିକ୍ ପରୀକ୍ଷା। ଚଳିତବର୍ଷ ଢେଙ୍କାନାଳ ଜିଲାରେ ୧୬,୭୭୪ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିଲାଗି ୯୨ଟି କେନ୍ଦ୍ର କରାଯାଇଛି। କପି କିମ୍ବା କୌଣସି ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି।

ଶୃଙ୍ଖଳିତ ପରୀକ୍ଷା ପରିଚାଳନା, ବୃଦ୍ଧି ପାଉଥିବା କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଏବଂ ଜିଲାର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ମଙ୍ଗଳବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ କହିଲେ, ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଉଛି। କପି ରୋକିବା ଲାଗି ଉପଜିଲାପାଳ, ବିଡିଓ, ତହସିଲ୍‌ଦାରଙ୍କୁ ନେଇ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ସାମାନ୍ୟତମ ଅବ୍ୟବସ୍ଥାକୁ ସହ୍ୟ କରାଯିବ ନାହିଁ। ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳ ବିଇଓ, ପ୍ରଧାନ ଶିକ୍ଷକ ଏବଂ ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିଛନ୍ତି।




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

ସେହିପରି ଦେଶର ୧୦ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସତର୍କତା ଅବଲମ୍ବନ କରିବା ଲାଗି ଜିଲାବାସୀଙ୍କୁ ନିବେଦନ କରିଛନ୍ତି ଜିଲାପାଳ। ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପରିଧାନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ମାସକୁ ଥରେ ଡାକବାଜି ଯନ୍ତ୍ରରେ ପ୍ରଚାର କରି ଜନସଚେତନତା ସୃଷ୍ଟି କରିବାକୁ ସମସ୍ତ ଉପଜିଲାପାଳ, ବିଡିଓ ଏବଂ ତହସିଲଦାରମାନଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରୀଷ୍ମପ୍ରକୋପ ଦୃଷ୍ଟିରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଶ୍ରମିକଙ୍କୁ କାମରେ ନିୟୋଜନ ନ କରିବାକୁ କୁହାଯାଇଛି। ଜିଲାର ୨୨୦୦ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍, ପାଣି, ଶୌଚାଳୟ, ମୋ ଉପକାରୀ ବଗିଚା କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ୫-ଟି ଅଧୀନରେ ଜିଲାର ଅବଶିଷ୍ଟ ୧୦୫ ସ୍କୁଲରେ ରୂପାନ୍ତରଣ କାର୍ଯ୍ୟ ମେ' ୧୦ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଧବାଙ୍କୁ ଭତ୍ତା, ଜନଶୁଣାଣି ଶିବିରରେ ସମସ୍ୟା ସମାଧାନକୁ ଅଗ୍ରାଧିକାର, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା, ରେଡ୍‌କ୍ରସ୍ ପାଣ୍ଠି ବୃଦ୍ଧି, ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି, ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବା ଆଦି ବିଷୟରେ ଆଲୋଚନା କରାଯାଇଛି। ଅଗଷ୍ଟ ୧୫ ସୁଦ୍ଧା ଗ୍ରାମାଞ୍ଚଳରେ ପୋଖରୀ ଖନନ କାର୍ଯ୍ୟ ଶେଷ କରିବାକୁ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସିଡିଏମ୍‌ଓ ଡା. ଅଶୋକ ଦାସ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଡିଇଓ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ତହସିଲଦାର ଅନୁପମା ମୁର୍ମୁ, ଓସ୍‌ଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଥଚାରୀଙ୍କ ପାଇଁ ଜଳସେବା



ପଥଚାରୀଙ୍କୁ ଜଳବଣ୍ଟନ କରାଯାଉଛି।

**ସାତମାଇଲ, ୨୬।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସ୍କାଉଟ୍ସ ଏବଂ ଗାଇଡ୍ସ ସୌଜନ୍ୟରେ ପଥଚାରୀଙ୍କ ପାଇଁ ଜଳସେବା ଶିବିର ଆରମ୍ଭ ହୋଇଛି। ଏହା ୧ ମାସ ପର୍ଯ୍ୟନ୍ତ ଚାଲିବ। ରଞ୍ଜର୍ସ ଏବଂ ରୋଭର୍ସଙ୍କ ଦ୍ୱାରା ତୃଷାର୍ତ୍ତ ପଥଚାରୀଙ୍କ ପାଇଁ ଜଳବଣ୍ଟନ ବ୍ୟବସ୍ଥା କରାଯାଇଛି। ରୋଭର୍ସ ଲିଡର ଅଧ୍ୟାପକ ମନୋଜ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ଏହାର ଉଦ୍‌ଘାଟନ କରିଥିଲେ। ମୋନାଲିସା ରାଉତ, ସୂର୍ଯ୍ୟକାନ୍ତ ବେହେରା, ବିଶ୍ୱରଞ୍ଜନ ସାହୁ, ମୋହିନୀ ମହାପାତ୍ର ପ୍ରମୁଖ ଜଳସେବାରେ ନିୟୋଜିତ ହୋଇଛନ୍ତି। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏଥିରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**କାମାକ୍ଷାନଗର, ୨୬।୪(ଡି.ଏନ୍.ଏ.)**

କାମାକ୍ଷାନଗର ଥାନା କାଦୁଆ ଗ୍ରାମର ଗୌରାଙ୍ଗ ବେହେରା(୩୫) ମଙ୍ଗଳବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ କାମାକ୍ଷାନଗରରୁ ମଜୁରି କାମ ସାରି ଘରକୁ ଫେରୁଥିବା ବେଳେ ରାମିଆଳ ନଦୀ ନିକଟରେ ଏକ ଗାଡି ଧକ୍କା ଦେଇ ପଳାଇଥିଲା। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ

**ଢେଙ୍କାନାଳ ଅଫିସ, ୨୬।୪**

ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନରେ ସ୍ୱଚ୍ଛତା ଏବଂ ଡକ୍ୟୁମେଣ୍ଟେଶନ ପାଇଁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସରେ ପୁରସ୍କୃତ ହୋଇଛି ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ସମ୍ମାନିତ ଅତିଥି ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା ପ୍ରମୁଖ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁରସ୍କୃତ କରିଥିଲେ। ପରଜଙ୍ଗ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନୀ ନାୟକ ଉକ୍ତ ମାନପତ୍ର ଗ୍ରହଣ କରିଥିଲେ। ଏଥିସହ ଉତ୍ତମ ଦସ୍ତାବିଜ୍ ଲିଖନ ପାଇଁ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ ସାହୁ, ମ୍ୟାଲେରିଆ ନମୁନା ପରୀକ୍ଷଣ ପାଇଁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାବୋରେଟୋରି ଟେକ୍ନିସିଆନ ଆଶିଷ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ଔଷଧ ନିଗମ ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବ ଡା. ଅଜିତ ମହାନ୍ତି, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବିଜୟ ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ (ଭେକ୍ଟରବାହିତ ରୋଗ ପରାମର୍ଶ ) ଡା. ସୁବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ମାନିତ କରାଯାଉଛି।

# ତୃଷାର୍ତ୍ତ ପକ୍ଷୀଙ୍କ ସାଥୀ ଶୁଭ୍ରାଂଶୁ

- ଯୁବ ବୟସରେ ପରିବେଶ ଚିନ୍ତା
- ଜଙ୍ଗଲରେ କରୁଛନ୍ତି ଜଳ ବ୍ୟବସ୍ଥା
- ସଚେତନତା ବାର୍ତ୍ତା ବାଣ୍ଟି ସଫଳ

**ଢେଙ୍କାନାଳ ଅଫିସ, ୨୬।୪**

ଉପକୂଳରୁ ଉତ୍ତର, ଦକ୍ଷିଣରୁ ପଶ୍ଚିମ ସବୁଠି ଗ୍ରୀଷ୍ମର ରାଜୁତି। ଅସହ୍ୟ ତାତିରେ ଅସ୍ତବ୍ୟସ୍ତ ଜନଜୀବନ। ସପ୍ତାହେ ହେଲା ଏଭଳି ସ୍ଥିତି କଂକ୍ରିଟ୍ ଜଙ୍ଗଲର ମଣିଷଙ୍କୁ କଲବଲ କରିପକାଇଥିବାବେଳେ ଏଥିରୁ ବାଦ୍ ପଡ଼ିନାହାନ୍ତି ବନ୍ୟପ୍ରାଣୀ। ପକ୍ଷୀମାନେ ଶୋଷରେ ଆଉଟୁପାଉଟୁ ହେଉଥିବା ଦୃଶ୍ୟ ବଖାଣୁଛି ଗ୍ରୀଷ୍ମପ୍ରବାହର କଷ୍ଟ। ଏଭଳି ସମୟରେ ବଣଜଙ୍ଗଲ, ରାସ୍ତାଘାଟରେ ତୃଷାର୍ତ୍ତ ଚଢ଼େଇଙ୍କ ପାଇଁ ପାଣି ବ୍ୟବସ୍ଥା କରି ମାନବିକତାର ପରିଚୟ ଦେଇଛନ୍ତି ୩୨ ବର୍ଷୀୟ ଯୁବ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ।

ସକାଳ ଆସେ। ପେଟପାଟଣା ପାଇଁ ଗଡ଼େ ଜୀବନ ଗାଡ଼ି। ଏହି ଦୌଡ଼ରେ ସାମିଲ ହେବା ପରେ ଜୈବ ବିବିଧତାର ପ୍ରମୁଖ ଅଙ୍ଗ କୁହାଯାଉଥିବା ବନ୍ୟପ୍ରାଣୀ, ପକ୍ଷୀ, ବୁଲାଜନ୍ତୁଙ୍କ କଥା ଭାବିବାକୁ ନ ଥାଏ ସମୟ। ହେଲେ ଏଥିରୁ ବ୍ୟତିକ୍ରମ ଶୁଭ୍ରାଂଶୁ। ମା'ବାପାଙ୍କ ପରିବେଶ ପ୍ରେମ ତାଙ୍କୁ ଏଥିଲାଗି ପ୍ରେରିତ କରିଥିବାବେଳେ ସେ ଆରମ୍ଭ କରିଥିବା ପକ୍ଷୀ ବଞ୍ଚାଅ ଅଭିଯାନ ସାଉଁଟୁଛି ପ୍ରଶଂସା। ବାପା ଉଦୟନାଥ ଶତପଥୀ ଅବସରପ୍ରାପ୍ତ ଜିଲା ବନଖଣ୍ଡ ଅଧିକାରୀ। ମା' ରାଜଲକ୍ଷ୍ମୀ ଜଣେ ଗୃହିଣୀ। ତେବେ ଉଭୟଙ୍କ ପରିବେଶ ପ୍ରତି ଥିବା ଦୁର୍ବଳତା ପ୍ରତିଫଳିତ ହୋଇଛି ସାନପୁଅ ଶୁଭ୍ରାଂଶୁଙ୍କ ନିକଟରେ। ସାମ୍ବାଦିକତାରେ ମାଷ୍ଟର ଡିଗ୍ରୀ କରିଥିବା ଶୁଭ୍ରାଂଶୁ ପଡ଼ିଯାଇଛନ୍ତି ପକ୍ଷୀପ୍ରେମରେ। ନିଜ ଖର୍ଚ୍ଚରେ ମାଟିପାତ୍ର କିଣି ଘର ଛାତ, ଅଗଣା, ଗଛ ଉପରେ ରଖି ପାଣି ବ୍ୟବସ୍ଥା କରୁଛନ୍ତି। ସ୍ଥାନୀୟ ବାସିନ୍ଦା, ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ସଚେତନ କରାଇ ଅନେକାଂଶରେ ସଫଳ ହୋଇଛନ୍ତି। କେବଳ ଏତିକି ନୁହେଁ, ଜଙ୍ଗଲ ନିଆଁକୁ ଆୟତ୍ତ କରିବା, ପ୍ଲାଷ୍ଟିକ୍ ବର୍ଜନ ପାଇଁ ୫ କି.ମି. ମାନବଶୃଙ୍ଖଳ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ପରିବେଶ, ବନ୍ୟପ୍ରାଣୀଙ୍କ ସୁରକ୍ଷା ବାର୍ତ୍ତା ନେଇ ମୁମ୍ବାଇ, ଚେନ୍ନାଇ, କୋଲକାତା, ପୁଣେ ସମେତ ରାଜ୍ୟର ୨୫ ଜିଲାରେ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ବିଭିନ୍ନ ସ୍କୁଲ, ସ୍ୱେଚ୍ଛାସେବୀ ସଂସ୍ଥାକୁ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରିବା ଲାଗି ମାଟି ପାତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ୫୦ ହଜାର ମାଟିପାତ୍ର ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ପରିବେଶ ସୁରକ୍ଷା ଦିଗରେ ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ୨୦୧୯ରେ ମିଳିତ ଜାତିସଂଘରୁ ୟୁଏନ୍ ଏନ୍‌ଭାୟରମେଣ୍ଟ ଆୱାର୍ଡ ମିଳିଛି। ଏଭଳି ବିଷୟବସ୍ତୁକୁ ନେଇ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିବାବେଳେ ଦ୍ୱିତୀୟ ଡକ୍ୟୁମେଣ୍ଟାରୀ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

ଏ ସଂକ୍ରାନ୍ତରେ ଶୁଭ୍ରାଂଶୁ କୁହନ୍ତି, ପରିବେଶ ସୁରକ୍ଷିତ ହେଲେ ସମଗ୍ର ଜୀବଜଗତ ସୁରକ୍ଷିତ ରହିବ। ଛାତ୍ର, ଯୁବଗୋଷ୍ଠୀ ଏଥିପ୍ରତି ଅଧିକ ଧ୍ୟାନଦେବା ଜରୁରୀ।



ଶୁଭ୍ରାଂଶୁ ଗଛ ଉପରେ ମାଟିପାତ୍ରରେ ପାଣି ରଖୁଛନ୍ତି।

